## ସଂକ୍ଷେପରେ

■ବିଭିନ୍ନ ଦୋକାନରେ ପୌର କର୍ତ୍ତୃପକ୍ଷଙ୍କ ଚଢ଼ାଉ

### ପଲିଥିନ ଜବତ, ୫ ହଜାର ଜରିମାନା ଆଦାୟ

**ଅନୁଗୋଳ ଅଫିସ,୧୬।୧୧:** ଅନୁଗୋଳ ସହରରେ ପଲିଥିନ ବ୍ୟବହାର କରୁଥିବା ବିଭିନ୍ନ ଦୋକାନ ଉପରେ ଶୁକ୍ରବାର ପୌରପରିଷଦ ପକ୍ଷରୁ ଚଢ଼ାଉ କରାଯାଇଛି। ମୋଟ୍ ୨୫ଟି ଦୋକାନ ଉପରେ ଚଢ଼ାଉ କରାଯାଇ ୫ ହଜାର ଏକ ଶହ ଟଙ୍କା ଜରିମାନା ଆଦାୟ କରାଯାଇଥିବା ସୂଚନା ମିଳିଛି। ବସ୍‌ଷ୍ଟାଣ୍ଡ, ହେମସୁରପଡ଼ା, ଗାନ୍ଧୀମାର୍ଗ, ହୁଲୁରିସିଂହା, ଶିମିଳିପଡ଼ା, ତାମ୍ରିତ କଲୋନୀ, କଲେଜ ଛକ, ହାଟ ଛକ ଆଦି ଅଞ୍ଚଳରେ ଏହି ଚଢ଼ାଉ କରାଯାଇ ବହୁ ପରିମାଣର ପଲିଥିନ, ପ୍ଲାଷ୍ଟିକ ଥାଳି, ଗିନା, ଗ୍ଲାସ ଜବତ କରାଯାଇଛି। ଜବତ ସାମଗ୍ରୀର ପରିମାଣ ପ୍ରାୟ ଏକ କୁଇଣ୍ଟାଲ ହେବ ବୋଲି ପୌର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଆଗକୁ ପଲିଥିନ ବ୍ୟବହାର ବେଳେ ଧରାପଡ଼ିଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କର୍ତ୍ତୃପକ୍ଷ ଚେତାବନୀ ଦେଇଛନ୍ତି।

### ଡାକ୍ତର ନିଯୁକ୍ତି ଦାବିରେ ଗଣଧାରଣା

ଅନୁଗୋଳ ଅଫିସ,୧୬।୧୧- ଅନୁଗୋଳ ବ୍ଲକ ପୁରୁଣାଗଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ନୂତନ)ରେ ଡାକ୍ତର, କର୍ମଚାରୀ ଅଭାବ ସହ ଅନ୍ୟ ପ୍ରସଙ୍ଗକୁ କେନ୍ଦ୍ର କରି ଶକ୍ରବାର ପୂର୍ବାହ୍ନରେ ଜିଲା ଜନଜୀବନ ସୁରକ୍ଷା କମିଟି ସଦସ୍ୟମାନେ ଗଣଧାରଣା ଦେଇଥିଲେ। ସଙ୍ଗଠକ ସଞ୍ଜୟ ସାହୁଙ୍କ ନେତୃତ୍ୱରେ ସ୍ଥାନୀୟ ସରପଞ୍ଚ ସହଦେବ ବେହେରା, ନାରୀନେତ୍ରୀ ମନ୍ଦୋଦରୀ ରାଉଳ, ମିନାକ୍ଷୀ ଚୌଧୁରୀ, ନିରୂପମା ନାୟକ, ମାମି ମନହୀରା, କୁମାରୀ ବେହେରା, ଯଶୋବନ୍ତି ସାହୁ ପ୍ରମୁଖ ଡାକ୍ତରଖାନାର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପୁରୁଣାଗଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ସଂଖ୍ୟକ ବିଶେଷଜ୍ଞ ଡାକ୍ତରଙ୍କ ସହ ନର୍ସ, କର୍ମଚାରୀ ନିଯୁକ୍ତି, ଶଯ୍ୟା ସଂଖ୍ୟା ବୃଦ୍ଧି ଏବଂ ନିରାମୟରେ ସମସ୍ତ ଔଷଧ ମାଗଣାରେ ଯୋଗାଇଦେବା, ଡାକ୍ତରଖାନା ପରିସରରେ ଡାକ୍ତର ଓ କର୍ମଚାରୀଙ୍କ ପାଇଁ ଗୃହ ନିର୍ମାଣ କରିବାକୁ ଦାବି କରାଯାଇଥିଲା। ତାଳଚେର ଠାରେ ନିର୍ମିତ ମେଡିକାଲ କଲେଜ ଓ ହସ୍ପିଟାଲକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସୁପର ସ୍ପେସିଆଲିଟି ହସ୍ପିଟାଲରେ ପରିଣତ କରିବାକୁ ଦାବି କରାଯାଇଥିଲା। ଦାବି ପୂରଣ କରା ନ ଗଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି କମିଟି ପକ୍ଷରୁ ଚେତାବନୀ ଦିଆଯାଇଥିଲା। ପରେ ଜିଲା ଚିକିତ୍ସାଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଡାକ୍ତରଖାନା ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା।

### ଶିକାରୀ ଗିରଫ, ୩ ଫେରାର

**ବଇଣ୍ଡା,୧୬।୧୧(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ସାପଘରା ପଞ୍ଚାୟତ ହେମାମୁରା ଗ୍ରାମରେ ମଙ୍ଗଳବାର ରାତିରେ ବାର୍ହା ପାଇଁ ବସାଯାଇଥିବା ବିଦ୍ୟୁତ୍ ଫାଶରେ ପଡ଼ି ଏକ ଦନ୍ତା ହାତୀର ମୃତ୍ୟୁ ହୋଇଥିଲା। ଉକ୍ତ ଘଟଣାରେ ପୂର୍ବରୁ ସେହି ଗ୍ରାମର ଅରବିନ୍ଦ ବିଶ୍ୱାଳ ଓ ରୁନା ପ୍ରଧାନଙ୍କୁ ଗିରଫ କରାଯାଇଥିବା ବେଳେ ଶୁକ୍ରବାର ହେମାମୁରା ଗ୍ରାମର ସନାତନ ପ୍ରଧାନଙ୍କୁ ହଣ୍ଡପା ବନ ବିଭାଗ ଗିରଫ କରିଛି। ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ସନାତନଙ୍କୁ କୋର୍ଟଚାଲାଣ କରାଯାଇଛି। ସମ୍ପୃକ୍ତ ଅନ୍ୟ ୩ ଶିକାରୀ ଫେରାର ହୋଇଯାଇଛନ୍ତି। ହଣ୍ଡପା ରେଞ୍ଜର ଚୈତନ୍ୟ ବେହେରା କହିଛନ୍ତି, ହାତୀ ଶିକାର ଘଟଣାରେ ୬ ଜଣ ସମ୍ପୃକ୍ତ ଅଛନ୍ତି। ସନାତନ ପୂର୍ବରୁ ଏକ ଜନ୍ତୁ ଶିକାର ମାମଲାରେ ସମ୍ପୃକ୍ତ ଥିବାବେଳେ ବାର୍ହା ଶିକାର ପାଇଁ ବିଦ୍ୟୁତ୍ ଫାସ ବସାଇବାରେ ମାଷ୍ଟର ମାଇଣ୍ଡ ଥିଲେ। ଅନ୍ୟ ୩ ଶିକାରୀଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଛି।

### ଭ୍ୟାନକୁ ଧକ୍କା ଦେଲା ଟ୍ରେଲର, ୨ ଗୁରୁତର

ବଇଣ୍ଡା,୧୬।୧୧(ଡି.ଏନ.ଏ.): କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ହଣ୍ଡପା ଥାନା ନିକଟରେ ଶୁକ୍ରବାର ଏକ ପିକ୍‌ଅପ ଭ୍ୟାନ ସହିତ ଟ୍ରେଲରର ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଭ୍ୟାନ୍‌ରେ ବସିଥିବା ଚାଳକ ଓ ହେଲପର ଗୁରୁତର ହୋଇଛନ୍ତି। ଉଭୟଙ୍କୁ ସ୍ଥାନୀୟ ଗ୍ରାମବାସୀ ଉଦ୍ଧାର କରି ଜିଲା ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ସେମାନଙ୍କ ପରିଚୟ ଜଣାପଡ଼ି ନାହିଁ। ହଣ୍ଡପା ଘଟଣାସ୍ଥଳରେ ପୋଲିସ ପହଞ୍ଚି ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ସମ୍ବଲପୁରରୁ ଅନୁଗୋଳ ଅଭିମୁଖେ ଏକ ପିକ୍‌ଅପ ଭ୍ୟାନ (ନଂ.ଓଡି୧୫କେ-୬୦୯୮)ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଟ୍ରେଲର ଧକ୍କା ଦେଇ ପଳାଇଯାଇଥିଲା।

# ‘ଆମକୁ ଦୟା ନୁହେଁ, ହକ୍ ଦରକାର’

ତାଳଚେର,୧୬।୧୧(ନି.ପ୍ର.)



ସଂଘ ପକ୍ଷରୁ ବିକ୍ଷୋଭ କରାଯାଉଛି।

ଦୟା ନୁହେଁ ଆମକୁ ହକ୍ ଦରକାର। ଏହା ନ ମିଳିଲେ ଆଗାମୀ ଦିନରେ ତାଳଚେରରୁ ଖଣ୍ଡେ କୋଇଲା ବାହାରକୁ ଛାଡି ଦିଆଯିବ ନାହିଁ। ଏ ନେଇ ସଂଗ୍ରାମ ଜାରି ରହିବ ବୋଲି ଶୁକ୍ରବାର ୨ ଦଫା ଦାବି ନେଇ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିବା ତାଳଚେର ଖଣି ଖାଦାନ କ୍ଷତିଗ୍ରସ୍ତ ପ୍ରଜା ସଂଘ ପକ୍ଷରୁ ଚେତାଇ ଦିଆଯାଇଛି।

ସ୍ଥାନୀୟ ଦେଉଳବେଡା ଦୁର୍ଗାମଣ୍ଡପ ଠାରୁ ସଂଘ ସଦସ୍ୟମାନେ ଏକ ବିରାଟ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା ପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସଂଘ ସମ୍ପାଦକ ବିଭୂତି ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସଭାପତି ମନୋଜ ପ୍ରଧାନ, ଶ୍ରମିକ ନେତା ପଞ୍ଚାନନ ସେନାପତି, ସରପଞ୍ଚ ମନୋଜ ବେହେରା, ଭାଗୀରଥି ସାହୁ, କ୍ଷୀରସିନ୍ଧୁ ସେଠୀ, ହରଗୋବିନ୍ଦ ବେହେରା, ଅନୁକୂଳ ଆଚାର୍ଯ୍ୟ ପ୍ରମୁଖ କହିଥିଲେ ଯେ, ତାଳଚେର ଅଞ୍ଚଳରେ ୮ଟି ଖୋଲା ସହ ୨ଟି ପୋଖରିଆ ଖାଦାନ, ଏନ୍‌ଟିପିସି, ଟିଟିପିଏସ୍ ଓ ୩ଟି କୋଲ୍‌ୱାଶରୀ ରହିଛି। ଏହି ଶିଳ୍ପାନୁଷ୍ଠାନ ଯୋଗୁ ପ୍ରଦୂଷଣ ବଢ଼ି ଚାଲିଛି। ଅଞ୍ଚଳବାସୀ ନାନା ପ୍ରକାର ରୋଗର ଶିକାର ହେଉଛନ୍ତି। ଏମ୍‌ସିଏଲ୍‌ରେ କାମ କରୁଥିବା ୩୦ ହଜାର ଲୋକଙ୍କ ମଧ୍ୟରୁ ମାତ୍ର ୩ ହଜାର ସ୍ଥାନୀୟ ଅଞ୍ଚଳର। ବାହାର ଅଞ୍ଚଳର ହଜାର ହଜାର ସଂଖ୍ୟାର ଲୋକ ଏଠାରେ କାମ କରୁଥିବାରୁ ତାଳଚେରରେ ବେକାରୀ ସମସ୍ୟା ବଢୁଛି। ସେହିପରି ପ୍ରତିଦିନ ଏଠାରୁ ଶହେ ର୍‌ୟାକ ଯୋଗେ କୋଇଲା ପରିବହନ ହେଉଛି। କିନ୍ତୁ ସରକାରୀ ନିୟମ ଅନୁସାରେ ଟ୍ରେନ୍ ଉପରେ ପାଲ ଭିଡାଯାଉ ନାହିଁ। ଏଥିଯୋଗୁ ପ୍ରଦୂଷଣ ବୃଦ୍ଧି ଯାଉଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ଏହା କାର୍ଯ୍ୟକାରୀ ହେଲେ ପ୍ରାୟ ୧୦ ହଜାର ବେକାର ଯୁବକ କର୍ମସଂସ୍ଥାନ ପାଇ ପାରନ୍ତେ। ସରକାରଙ୍କ ନିୟମ ମୁତାବକ ୯୦ ପ୍ରତିଶତ ସ୍ଥାନୀୟ ଲୋକଙ୍କୁ ବିଭିନ୍ନ କଳକାରଖାନାରେ ନିଯୁକ୍ତି ଦେବା ଓ ସମସ୍ତ ଟ୍ରେନ୍‌ରେ ପାଲ ଭିଡିବା ପାଇଁ ସଂଘ ଦାବି କରିଛି। ପରେ ଏକ ପ୍ରତିନିଧି ଦଳ ଏ ସମ୍ପର୍କରେ ଦାବିପତ୍ର ଉପଜିଲାପାଳ ପରେଶ ଚନ୍ଦ୍ର ନାୟକଙ୍କୁ ପ୍ରଦାନ କରିଥିଲେ।


ଦାବିପତ୍ର ଦେବାକୁ ଆସିଥିବା ଟ୍ରକ୍ ମାଲିକମାନେ।

## ୨୧ରୁ ଅର୍ଥନୈତିକ ଅବରୋଧ ଚେତାବନୀ

ତାଳଚେର,୧୬।୧୧(ନି.ପ୍ର.)

ଟ୍ରକ୍‌ରେ ପର୍ଯ୍ୟାପ୍ତ କୋଇଲା ଯୋଗାଣ ଦାବିରେ ଶୁକ୍ରବାର ତାଳଚେର ଟ୍ରକ୍ ମାଲିକ ସଂଘ ପକ୍ଷରୁ ସ୍ଥାନୀୟ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ତାଳଚେରରେ ୫ ହଜାର ଟ୍ରକ୍ ରହିଛି। ୨ହଜାର ବେକାର ଯୁବକ ଓ କ୍ଷତିଗ୍ରସ୍ତମାନେ ଟ୍ରକ୍ ବେପାର ଉପରେ ନିର୍ଭର କରୁଛନ୍ତି। କିଛି ମାସ ହେଲା ବିଭିନ୍ନ ଖଣିରୁ ଟ୍ରକ୍‌ରେ ପରିବହନ ପାଇଁ ଦିଆଯାଉ ଥିବା କୋଇଲା ପରମାଣ କମିବାରେ ଲାଗିଛି। ଅଗଷ୍ଟରୁ ନନ୍ଦିରା ଓ ଡେରା ଖଣିରୁ ଟ୍ରକ୍ ଯୋଗେ କୋଇଲା ପରିବହନ ବନ୍ଦ ରହିଛି। ଅନନ୍ତ ଓ ଭରତପୁରରୁ ଆଗାମୀ ୨୫ ଓ ବଳରାମରୁ ୩୦ରୁ ବନ୍ଦ ହେବା ଆଶଙ୍କା ଦେଖା ଦେଲାଣି। ଶହ ଶହ ଟ୍ରକ୍ କାମ ନ ପାଇ ଦିନ ଦିନ ଧରି ଛିଡା ହୋଇ ରହୁଛି। ଫଳରେ ଟ୍ରକ୍ ମାଲିକମାନଙ୍କ ଆର୍ଥିକ ପରିସ୍ଥିତି ଅତି ଶୋଚନୀୟ ହେବାରେ ଲାଗିଛି। ବାରମ୍ବାର ଅଭିଯୋଗ ପରେ ଖଣି କର୍ତ୍ତୃପକ୍ଷ ଏ ଦିଗରେ କୌଣସି ପଦକ୍ଷେପ ନେଉ ନାହାନ୍ତି ବୋଲି ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଏହାଦ୍ୱାରା ଟ୍ରକ୍ ମାଲିକ, ଡ୍ରାଇଭର, ହେଲପର ଓ ଏହି ବ୍ୟବସାୟ ଉପରେ ପରୋକ୍ଷ ଏବଂ ପ୍ରତ୍ୟକ୍ଷ ଭାବେ ନିର୍ଭର କରୁଥିବା ଲୋକମାନଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଅନ୍ୟଥା ଆଗାମୀ ୨୧ରୁ ଅର୍ଥନୈତିକ ଅବରୋଧ ଆନ୍ଦୋଳନ କରାଯିବ ଓ ତାଳଚେର କୋଲ୍‌ଫିଲଡ୍‌ସରୁ ଖଣ୍ଡେ ହେଲେ କୋଇଲା ବାହାରକୁ ଛାଡି ଦିଆଯିବ ନାହିଁ। ଏଥିପାଇଁ ଯେଉଁ ପରିସ୍ଥିତି ଉପୁଜିବ ସେଥିପାଇଁ ପ୍ରଶାସନ, ଖଣି କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ସଂଘର ବରିଷ୍ଠ ସଦସ୍ୟ ଦିଲୀପ ପାଣି, ରାଜକିଶୋର ସାହୁ, ମୁରଲୀଧର ସାହୁ, ପ୍ରସନ୍ନ ମିଶ୍ର, କରୁଣାକର ସାହୁ, ଜିତେନ୍ଦ୍ର ଭୂତିଆ, ଅନନ୍ତ ସାହୁ, ବିଜୟ ସାହୁ, ବିରେନ ସାହୁ ପ୍ରମୁଖ ପ୍ରକାଶ କରିଛନ୍ତି।

## ନିରପେକ୍ଷ ଖବର ପରିବେଷଣ ଉପରେ ଗୁରୁତ୍ୱ



ମୁଖ୍ୟ ଅତିଥି ଡିଆଇଜି ଜଣେ ଗୃହିଣୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ବଅଁରପାଳ,୧୬।୧୧ (ଡି.ଏନ୍.ଏ.)

ନାଲ୍‌କୋ ଓ ବଅଁରପାଳ ଖବରଦାତା ସଂଘ ତରଫରୁ ଜାତୀୟ ପ୍ରେସ୍ ଦିବସ ନାଲ୍‌କୋ ଟ୍ରେନିଂ ସେଣ୍ଟର ଠାରେ ପାଳିତ ହୋଇଯାଇଛି। ସଂଘ ସଭାପତି ଉପେନ୍ଦ୍ର କୁମାର ରାଉତ ସଭା ପରିଚାଳନା କରିଥିଲେ। ସମ୍ପାଦକ ସନ୍ତୋଷ କୁମାର ମିଶ୍ର ସ୍ୱଗତ ଭାଷଣ ଦେଇଥିଲେ। ପ୍ରାରମ୍ଭରେ ନାଲ୍‌କୋ ସରସ୍ୱତୀ ବିଦ୍ୟା ମନ୍ଦିର ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଉତ୍ତରକେନ୍ଦ୍ରାଞ୍ଚଳ ଡିଆଇଜି ନରସିଂହ ଭୋଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ଓ ନିରପେକ୍ଷ ସମ୍ବାଦ ପରିବେଷଣ ପାଇଁ ପରାମର୍ଶ ଦେଇଥିଲେ। ନାଲ୍‌କୋ ମାନବ ସମ୍ବଳ ମହାପ୍ରବନ୍ଧକ ଏସ୍.ଏନ୍. ସାହୁ ଓ ସିପିପି ମହାପ୍ରବନ୍ଧକ ଦେବବ୍ରତ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ହେମନ୍ତ ଧର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଅତିଥିମାନେ ସୁଗୃହିଣୀ, ଶ୍ରେଷ୍ଠ ଖେଳାଳି, ସାମାଜିକ କର୍ମୀ, ଖବରଦାତା, ସମିତି ସଭ୍ୟ, ସରପଞ୍ଚ, କୃତୀ ପ୍ରତିଯୋଗୀ, ଶ୍ରମିକ ନେତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା କଂଗ୍ରେସ କମିଟି ସଭାପତି ବିପ୍ଳବ ଜେନା, ଜିଲା ବିଜେଡି ଉପସଭାପତି ନିର୍ମଳ ଗଡ଼ନାୟକ ଓ ଭାଜପା ନେତା ମୀନକେତନ ଅମାନ୍ତଙ୍କୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ଖବରଦାତା ସଂଘ ସଭାପତି ସୁବାସ ଚନ୍ଦ୍ର ସାହୁ, ବୀରେନ୍ଦ୍ର ପ୍ରଧାନ, ଶୁଭେନ୍ଦୁ ପରିଜା, ଅଜିତ ଧଳ, ନାଲ୍‌କୋ ଓ ବଅଁରପାଳ ଖବରଦାତା ସଂଘ କାର୍ଯ୍ୟକାରୀ ସଭାପତି ସଞ୍ଜୀବ ମାଣ୍ଡୋଠିଆ, ନିରଞ୍ଜନ ନାଏକ, ନିପୁ ଭୂତିଆ, ଦିବ୍ୟରଞ୍ଜନ ସାମଲ, ଜଗାପ୍ରସାଦ ବେହେରା, ଆଶୋକ ଜେନା, କୁନାରାମ ଟୁଡୁ, ଲୋକନାଥ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଚିତ୍ତରଞ୍ଜନ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ଯୁବକ ମୃତ, ଯୁବତୀ ଗୁରୁତର

ବଅଁରପାଳ,୧୬।୧୧ (ଡି.ଏନ୍.ଏ.)

୫୫ ନମ୍ବର ଜାତୀୟ ରାଜପଥର କାଣ୍ଡସର ପେଟ୍ରୋଲ ଟାଙ୍କି ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବାବେଳେ ଜଣେ ଯୁବତୀ କଳ୍ପନା ନାଏକ ଗୁରୁତର ହୋଇଛନ୍ତି। ଦୁହେଁ ଏକ ବାଇକ୍ ଯୋଗେ ଅନୁଗୋଳରୁ ନାଲ୍‌କୋ ଆଡ଼କୁ ଯାଉଥିବାବେଳେ କୌଣସି ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଯାଇଥିଲା। ପଛରେ ବସିଥିବା କଳ୍ପନା ଗୁରୁତର ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ନାଲ୍‌କୋ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଏଥିଯୋଗୁ ପ୍ରାୟ ୨ ଘଣ୍ଟା ଧରି ରାଜପଥ ଜାମ ହୋଇଯାଇଥିଲା। ଘଟଣାସ୍ଥଳରେ ନାଲ୍‌କୋ ପୋଲିସ ପହଞ୍ଚି ଗାଡ଼ି ହଟାଇବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ମୃତକଙ୍କ ପରିଚୟ ଏ ପର୍ଯ୍ୟନ୍ତ ମିଳି ନ ଥିବା ଜଣାପଡ଼ିଛି।

■ଜିଲାସ୍ତରୀୟ ପ୍ରେସ୍ ଦିବସ ପାଳିତ

## ଗଣମାଧ୍ୟମ ସକ୍ରିୟ ହେଲେ ଗଣତନ୍ତ୍ର ଶକ୍ତିଶାଳୀ ହେବ

ଅନୁଗୋଳ ଅଫିସ,୧୬।୧୧

ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ଶୁକ୍ରବାର ଜିଲା କାର୍ଯ୍ୟାଳୟ କୋର୍ଟରୁମ୍ ଠାରେ ପାଳିତ ହୋଇଯାଇଛି। ଜିଲାପାଳ ଅନିଲ କୁମାର ସାମଲ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଖବରଦାତାମାନେ ସତ୍ୟ ଓ ନିର୍ଭିକ ଖବର ପରିବେଷଣ କରିବାକୁ ଆହ୍ୱାନ କରିଥିଲେ। ଗଣମାଧ୍ୟମ ସକ୍ରିୟ ହେଲେ ଗଣତନ୍ତ୍ର ଶକ୍ତିଶାଳୀ ହେବ ବୋଲି ଜିଲାପାଳ କହିଥିଲେ। କାର୍ଯ୍ୟରତ ଖବରଦାତାମାନଙ୍କ ସମସ୍ୟା ସମାଧାନ ନିମନ୍ତେ ସରକାର ପର୍ଯ୍ୟାୟକ୍ରମେ ପଦକ୍ଷେପ ନେଉଛନ୍ତି। ଖବର ପରିବେଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରତ୍ୟେକ ବର୍ଷ ଓଡ଼ିଶା ଦିବସ ଓ ଜିଲା ପ୍ରତିଷ୍ଠା ଦିବସରେ ଖବରଦାତାମାନଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ସଂଗ୍ରାମ ରଞ୍ଜନ ଦାସ, ସୁବାସ ଚନ୍ଦ୍ର ସାହୁ ଓ ସୁସିଶ୍ରୀ ପାତ୍ର ପ୍ରମୁଖ ଖବରଦାତାଙ୍କ ସୁରକ୍ଷା ନିମନ୍ତେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଚଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଉପଜିଲାପାଳ ବାସୁଦେବ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ପରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶରତ ଚନ୍ଦ୍ର ସେଠୀ ପରିଚାଳନା କରିଥିଲେ। ଜିଲାସ୍ତରୀୟ ଖବରଦାତାମାନଙ୍କ ସମେତ ବିଭିନ୍ନ ପ୍ରାନ୍ତରୁ ଆସିଥିବା ଖବରଦାତାମାନେ ଯୋଗ ଦେଇଥିଲେ।



ଜାତୀୟ ପ୍ରେସ୍ ଦିବସରେ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

## ୩ ଜେସିବି ଜବତ, ୪ ଗିରଫ

ଛେଣ୍ଡିପଦା,୧୬।୧୧(ଡି.ଏନ.ଏ.)

ଛେଣ୍ଡିପଦା ଥାନା ସନ୍ତରାବନ୍ଧ ଗ୍ରାମ ଜଙ୍ଗଲ ଭିତରେ ଥିବା ଚୋରା କୋଇଲା ଖଣି ଉପରେ ଗୁରୁବାର ବିଳମ୍ବିତ ରାତିରେ ଅନୁଗୋଳ ଏସ୍‌ପିଙ୍କ ସ୍ୱତନ୍ତ୍ର ସ୍କ୍ୱାଡ୍ ଓ ଛେଣ୍ଡିପଦା ପୋଲିସ ପକ୍ଷରୁ ଚଢାଉ କରାଯାଇଥିଲା। ଏଥିରେ ୩ଟି ଜେସିବି ମେଶିନ ଜବତ ସହ ଜେସିବି ଡ୍ରାଇଭର ପରୁଣାକୋଟ ଥାନା ଶରଧାପୁର ଗ୍ରାମର ସୁଶାନ୍ତ ବେହେରା, ଛେଣ୍ଡିପଦା ଥାନା ଘୁଣ୍ଟୁଳିପଶି ଗ୍ରାମର ମନୋଜ ସାହୁ, କରଡାବାହାଳି ଗ୍ରାମର ବାପି ବାଘ ଓ ସହଯୋଗୀ ସନ୍ତରାବନ୍ଧ ଗ୍ରାମର ଦେବେନ୍ଦ୍ର ଗରତିଆଙ୍କୁ ଗିରଫ କରାଯାଇଥିଲା। ଏ ନେଇ ଛେଣ୍ଡିପଦା ଥାନାରେ ନଂ. ୩୨୮/୧୮ରେ ମାମଲା ରୁଜୁ କରାଯାଇ ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏଥିସହିତ ବେଆଇନ ଖଣି ଚଳାଉଥିବା ୩ ଖଣି ମାଫିଆ ଫେରାର ଥିବା ପୋଲିସ କହିଛି।

■ବିଶ୍ୱକପ୍ ହକି ଉଦ୍‌ଘାଟନୀ ପର୍ବ ଦେଖିବେ ଅନୁଗୋଳବାସୀ

## ଷ୍ଟାଡିୟମ, ପ୍ରତି ପଞ୍ଚାୟତରେ ସିଧା ପ୍ରସାରଣ

ଅନୁଗୋଳ ଅଫିସ,୧୬।୧୧

ଆସନ୍ତା ୨୭ ତାରିଖରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ଠାରେ ବିଶ୍ୱକପ୍ ହକି କ୍ରୀଡ଼ା ମହାକୁମ୍ଭର ଉଦ୍‌ଘାଟନ ପର୍ବ ଅନୁଷ୍ଠିତ ହେବ। ଏହାର ସିଧାପ୍ରସାରଣ ଅନୁଗୋଳବାସୀଙ୍କୁ ଦେଖାଇବା ଉଦ୍ଦେଶ୍ୟରେ ଶୁକ୍ରବାର ପୂର୍ବାହ୍ନରେ ଜିଲାପାଳ ଅନିଲ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱକପ୍ ହକିର ସଫଳ ଆୟୋଜନ ଓ ଏହାର ପ୍ରଚାର ପ୍ରସାର ପାଇଁ ଗ୍ରାମାଞ୍ଚଳରୁ ଜିଲାସ୍ତର ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଜିଲା ପ୍ରଶାସନ ପକ୍ଷରୁ କରାଯିବ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

ଚଳିତ ମାସ ୨୫ରେ ଜିଲାସ୍ତରୀୟ ମିନି ମାରାଥନ ମହିଳା ଓ ପୁରୁଷ ବିଭାଗରେ ଅନୁଷ୍ଠିତ ହେବ। ସକାଳ ୯ଟାରୁ ଏହା ଷ୍ଟାଡିୟମରୁ ବାହାରି ସହର ଦେଇ ପୁନର୍ବାର ଷ୍ଟାଡିୟମରେ ପହଞ୍ଚିବ। ଏଥିରେ ୫ ହଜାର ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏଥିପାଇଁ ୧୭ ରୁ ୨୩ ତାରିଖ ପର୍ଯ୍ୟନ୍ତ ଜିଲା କ୍ରୀଡ଼ା ଅଧିକାରୀଙ୍କ କାର୍ଯ୍ୟାଳୟରେ ନାମ ପଞ୍ଜୀକରଣ କରାଯାଇ କୁପନ ପ୍ରଦାନ କରାଯିବ। ଉଭୟ ବିଭାଗର ପ୍ରଥମ ବିଜେତାଙ୍କୁ ୨ ହଜାର, ଦ୍ୱିତୀୟ ବିଜେତାଙ୍କୁ ୧ ହଜାର, ତୃତୀୟ ବିଜେତାଙ୍କୁ ୫ ଶହ ଓ ୫ ଜଣଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ବାବଦରେ ୩ ଶହ ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ସେହିପରି ମିନି ମାରାଥନ ମଧ୍ୟ ସମସ୍ତ ପଞ୍ଚାୟତରେ ଅନୁଷ୍ଠିତ ହେବ। ଏହାର ସଫଳ ଆୟୋଜନ ପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକୁ ବିଭାଗୀୟ ଅଧିକାରୀଙ୍କୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ଚଳିତ ମାସ ୨୫ରୁ ଡିସେମ୍ବର ୧୬ ମଧ୍ୟରେ ବ୍ଲକସ୍ତରରେ କ୍ରିକେଟ ମ୍ୟାଚ ଆୟୋଜନ କରାଯାଇ ଜିଲାସ୍ତର ମ୍ୟାଚ ପାଇଁ ଖେଳାଳି ଚୟନ କରାଯିବ। ବିଶ୍ୱକପ ହକି ଉଦ୍‌ଘାଟନ କାର୍ଯ୍ୟକ୍ରମର ସିଧାପ୍ରସାରଣ ଏଲ୍‌ସିଡି ମାଧ୍ୟମରେ ସନ୍ଧ୍ୟା ୬ ଟାରେ ଅନୁଗୋଳ ଜିଲା ସମେତ ସମସ୍ତ ପଞ୍ଚାୟତରେ କରାଯିବ। ସେହିପରି ଡିସେମ୍ବର ୧୬ ଉଦ୍‌ଯାପନୀ ଅବସରରେ ଜିଲାସ୍ତରରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇ ଶ୍ରେଷ୍ଠ ବିଜୁ ଯୁବ ବାହିନୀ ଓ ମୁଁ ହରୋମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହି ସଭାରେ ବିଭିନ୍ନ ବିଭାଗ ଦ୍ୱାରା ପ୍ରଦର୍ଶନୀ ମଣ୍ଡପ ଖୋଲାଯାଇ ଯୁବକମାନଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନା ସମ୍ପର୍କରେ ଅବଗତ କରାଯିବ। ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଓ ବିଜୁ ଯୁବ ବାହିନୀ ସଂଯୋଜକମାନେ ଯୋଗ ଦେଇଥିଲେ। ଜିଲା କ୍ରୀଡ଼ା ଅଧିକାରୀ ମହେନ୍ଦ୍ର କୁମାର ସାହୁ ସୂଚନା ପ୍ରଦାନ କରିଥିଲେ।

■ସାତକୋଶିଆରେ ମହାବଳ ମହାବୀର ମୃତ୍ୟୁ ଘଟଣା

## ଘଟଣାସ୍ଥଳରେ ଏନ୍‌ଟିସିଏ, ଡବ୍ଲ୍ୟୁଆଇଆଇ ବିଶେଷଜ୍ଞ

ବନ୍ତଲା, ୧୬।୧୧ (ଡି.ଏନ.ଏ.)

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରେ କାହ୍ନାରୁ ଆସିଥିବା ମହାବଳ ମହାବୀର ମୃତ୍ୟୁ ଘଟଣାର ଅନୁଧ୍ୟାନ ଆରମ୍ଭ କରିଛି ଏନ୍‌ଟିସିଏ (ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ) ଓ ଡବ୍ଲ୍ୟୁଆଇଆଇ (ୱାଇଲ୍ଡ ଲାଇଫ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ)। ଏନ୍‌ଟିସିଏ ଆଇଜି ଅମିତ ମଲ୍ଲିକ ଓ ଡବ୍ଲ୍ୟୁଆଇଆଇର ବରିଷ୍ଠ ବିଶେଷଜ୍ଞ ଡ. କେ. ରମେଶ ଶୁକ୍ରବାର ଅନୁଗୋଳରେ ପହଞ୍ଚିବା ପରେ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ସ୍ଥାନୀୟ ଅଧିକାରୀଙ୍କୁ ଭେଟି ଆଲୋଚନା କରିଛନ୍ତି। ଶନିବାର ପର୍ଯ୍ୟନ୍ତ ଦୁଇ ବିଶେଷଜ୍ଞ ସାତକୋଶିଆରେ ରହି ତନ୍ନତନ୍ନ କରି ଘଟଣାର ଯାଞ୍ଚ କରିବେ। ଅପରପକ୍ଷରେ ଟ୍ରାଙ୍କୁଲାଇଜ ପରଠାରୁ ବାଘୁଣୀ ସୁନ୍ଦରୀ ଏନ୍‌କ୍ଲୋଜର ମଧ୍ୟରେ ସ୍ୱାଭାବିକ ଭାବେ ଚଳପ୍ରଚଳ କରୁଥିବା ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ ଡ. ସୁଦର୍ଶନ ପଣ୍ଡା ସୂଚନା ଦେଇଛନ୍ତି।

ଏନ୍‌ଟିସିଏ ଓ ଡବ୍ଲ୍ୟୁଆଇଆଇର ଦୁଇ ଅଧିକାରୀ ପହଞ୍ଚିବା ପରେ ପ୍ରଥମେ ଅନୁଗୋଳ ବନ ବିଭାଗ ବଙ୍ଗଳାରେ ସ୍ଥାନୀୟ ଅଧିକାରୀମାନଙ୍କୁ ଭେଟିଥିଲେ। ଅପରାହ୍ନରେ ଉଭୟ ବିଶେଷଜ୍ଞ ମହାବୀରର ମୃତ୍ୟୁ ସ୍ଥାନ ପରିଦର୍ଶନ କରି ତଦନ୍ତ କରିଥିଲେ। ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ ଡ. ପଣ୍ଡା, ସାତକୋଶିଆ ଡିଏଫ୍‌ଓ ରାମସ୍ୱାମୀ ପି, ଅନୁଗୋଳ ଡିଏଫ୍‌ଓ ଭି. କାର୍ତ୍ତିକ, ଏସିଏଫ୍ ଶୁଭେନ୍ଦୁ ବେହେରା, ଆର୍.କେ. ସ୍ୱାଇଁ, ସରୋଜ କୁମାର ପଣ୍ଡା, ଘନଶ୍ୟାମ ମହାନ୍ତି, ସାତକୋଶିଆ ପ୍ରାଣୀ ଡାକ୍ତର ଡ. କିଶୋର କୁମାର ସାହୁ, ଡବ୍ଲ୍ୟୁଆଇଆଇ ମନିଟରିଂ ଟିମ୍ ସଦସ୍ୟ ଡ. ସ୍ୱରୂପ କୁମାର ସାହୁ ପ୍ରମୁଖ ସେମାନଙ୍କ ସହ ଘଟଣାସ୍ଥଳକୁ ଯାଇଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ ବିଶେଷଜ୍ଞମାନେ ରାଇଗୁଡ଼ାରେ ଥିବା ଖବର ମିଳିଛି। ଶନିବାର ମଧ୍ୟ ଉଭୟ ଅଧିକାରୀ ତଦନ୍ତ ଜାରି ରଖିବେ। ସେମାନେ ଅଭୟାରଣ୍ୟର ବିଭିନ୍ନ ଅଞ୍ଚଳବାସୀଙ୍କୁ ଭେଟି ପଚରାଉଚରା କରିବେ ବୋଲି ଜଣାପଡ଼ିଛି। ଅପରପକ୍ଷରେ ଟ୍ରାଙ୍କୁଲାଇଜ ପରଠାରୁ ବାଘୁଣୀ ସୁନ୍ଦରୀକୁ ନେଇ ସାଧାରଣରେ ଯେଉଁ ସନ୍ଦେହ ସୃଷ୍ଟି ହୋଇଛି ତାହାକୁ ଦୂର କରିଛନ୍ତି ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଡ. ପଣ୍ଡା। ସେ କହିଛନ୍ତି, ଟ୍ରାଙ୍କୁଲାଇଜ ପରେ ସୁନ୍ଦରୀ ଡରିବା ସହିତ ବୁଦାମୂଳ ଓ ମଞ୍ଜା ଭିତରେ ରହୁଥିଲା। ଟ୍ରାଙ୍କୁଲାଇଜ ପୂର୍ବଦିନ ଏକ ମଇଁଷି ଛୁଆ ମାରି ଖାଇଥିବା ଯୋଗୁ ଏନ୍‌କ୍ଲୋଜର ମଧ୍ୟରେ ୨ ଦିନ ପର୍ଯ୍ୟନ୍ତ କିଛି ଖାଇ ନ ଥିଲା। ତୃତୀୟ ଦିନ ଏକ ଛେଳିକୁ ଛଡ଼ାଯାଇଥିଲା। ବାଘୁଣୀ ତାକୁ ଶିକାର କରି ଖାଇଥିଲା। ପରେ ଛଡ଼ାଯାଇଥିବା ଦୁଇଟି ବାର୍ହାକୁ ଶିକାର କରିଛି। ୮ ଦିନରେ ୩ଟି ଶିକାର କରିବା ସହ ଠିକ୍ ଭାବେ ଚଲାବୁଲା କରୁଛି। ଶୁକ୍ରବାର ଅପରାହ୍ନରେ ବାଘୁଣୀ ୧୫ ଫୁଟ ଉଚ୍ଚ ଗଛ ଉପରେ ଚଢ଼ି ବସିଥିବା ସିସିଟିଭିରୁ ଜଣାପଡ଼ିଛି। ମହାବୀର ମୃତ୍ୟୁର ତଦନ୍ତ ଜାରି ରହିଛି। ମନିଟରିଂ କିମ୍ବା ଟ୍ରାକିଂ ଟିମ୍‌ର କୌଣସି ତ୍ରୁଟି ନାହିଁ। ବାଘ ଚଳପ୍ରଚଳ କରୁଥିବା ଅଞ୍ଚଳରେ ଲୋକମାନଙ୍କ କୌଣସି ଅଭିଯୋଗ ନ ଥିଲା। ସ୍ଥାନୀୟ ଗ୍ରାମବାସୀ ମଧ୍ୟ ମନିଟରିଂ ଟିମ୍‌ରେ ଥିଲେ। ବାଘ ଘଞ୍ଚ ଜଙ୍ଗଲରେ ରହୁଥିବାରୁ ବେକରେ ଘା ସମ୍ପର୍କରେ ବନ ବିଭାଗ ଜାଣି ପାରିବ ନାହିଁ। ତଦନ୍ତକାରୀ ଅଧିକାରୀ ବିଭିନ୍ନ ଗ୍ରାମକୁ ଯାଇ ଏ ସମ୍ପର୍କରେ ପଚାରି ବୁଝିବେ। ଏଥିସହ କେଉଁଠି ଅବହେଳା ରହିଲା ତାହା ମଧ୍ୟ ତଦନ୍ତ କରିବେ। ବାଘକୁ ଶିକାର କରାଯାଇ ନାହିଁ ବୋଲି ଡ. ପଣ୍ଡା ପ୍ରକାଶ କରିଛନ୍ତି।


ବନ ବିଭାଗ ବଙ୍ଗଳାରେ ଏନ୍‌ଟିସିଏ, ଡବ୍ଲ୍ୟୁଆଇଆଇ ବିଶେଷଜ୍ଞ ଓ ଏସିଏଫ୍‌ମାନେ।

■ତଦନ୍ତ ସହ ଅଭୟାରଣ୍ୟବାସୀଙ୍କ ମତ ନେବେ

■ଏନ୍‌କ୍ଲୋଜରରେ ସୁସ୍ଥ ଅଛି ବାଘୁଣୀ ସୁନ୍ଦରୀ

■୮ ଦିନରେ ୩ ଶିକାର, ବସିଛି ଗଛ ଉପରେ

ଧରିତ୍ରୀ DHARITRI
ଢେଙ୍କାନାଳ, ଶନିବାର ୧୭ ନଭେମ୍ବର,୨୦୧୮

## ଆଜି କ'ଣ କେଉଁଠି

**ହିନ୍ଦୋଳ**

■ସ୍ୱଚ୍ଛ ଭାରତ ଅଭିଯାନ ସଚେତନତା ସଭା
ସ୍ଥାନ: ଟାଉନ୍‌ହଲ୍
ସମୟ : ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### କାଇମାଟିରେ ତ୍ରିମୁଖୀ, ମଙ୍ଗଳପୁରରେ ଦ୍ୱିମୁଖୀ ଲଢ଼େଇ

**ଢେଙ୍କାନାଳ ଅଫିସ, ୧୬।୧୧-** ଢେଙ୍କାନାଳ ସଦର ବ୍ଲକ ମଙ୍ଗଳପୁର ଏବଂ କାଇମାଟି ସରପଞ୍ଚ ପଦବୀ ଉପନିର୍ବାଚନ ପାଇଁ ଶୁକ୍ରବାର ଶେଷହୋଇଛି ପ୍ରାର୍ଥିପତ୍ର ଯାଞ୍ଚ, ପ୍ରତ୍ୟାହାର ପ୍ରକ୍ରିୟା। ଦୀପିକା ରାୟଙ୍କ ନାମାଙ୍କନପତ୍ର ନାକଚ ହୋଇଯିବାପରେ କାଇମାଟି ସରପଞ୍ଚ ପଦବୀ ପାଇଁ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଛନ୍ତି ଲିନା ସାହୁ, ଝରସ୍ମିତା ଦେହୁରୀ, ସୌଦାମିନୀ ପ୍ରଧାନ। ସେହିପରି ମଙ୍ଗଳପୁରରେ ଦିଲୀପ ପ୍ରଧାନ ଏବଂ ବିଦ୍ୟାଧର ପ୍ରଧାନଙ୍କ ମଧରେ କଡ଼ା ଟକ୍କର ହେବା ସମ୍ଭାବନା ରହିଛି। ଡିସେମ୍ବର ୬ରେ ଭୋଟଗ୍ରହଣ, ୭ରେ ଗଣତି ପରେ ୧୦ରେ ସରକାରୀ ଭାବେ ଫଳାଫଳ ଘୋଷଣା କରାଯିବ ବୋଲି ବିଡିଓ ସରୋଜ କୁମାର ଦତ୍ତ ସୂଚନା ଦେଇଛନ୍ତି।

### ପୋଖରୀରେ ଛିଣ୍ଡିପଡ଼ିଲା ୧୧ କେଭି ତାର

**ଭାପୁର, ୧୬।୧୧(ଡି.ଏନ.ଏ.)-** ଭାପୁର ଫାଣ୍ଡି ଅନ୍ତର୍ଗତ ହରିଡ଼ାପଶି ଗ୍ରାମ୍ୟ ପୋଖରୀରେ ଶୁକ୍ରବାର ୧୧ କେଭି ବିଦ୍ୟୁତ୍ ତାର ଛିଣ୍ଡିଯାଇ ପାଣିରେ ପଡ଼ିବାରୁ ବିଦ୍ୟୁତ୍ ଚାର୍ଜ ହୋଇଯାଇଥିଲା। ହୁଡ଼ାରେ ଛିଡ଼ା ହୋଇଥିବା ପ୍ରଭାକର ପୃଷ୍ଟି (୬୫), କୈଳାସ ରାଉତ (୫୫), ସୁକୁମାରୀ ରାଉତ (୫୨), ରସ ରାଉତ (୫୫)ଙ୍କୁ ବିଦ୍ୟୁତ୍ ଝଟ୍‌କା ଲାଗିଥିଲା। ବିଦ୍ୟୁତ୍ ଚାର୍ଜ ହୋଇଯିବାରୁ ମାଛ ମରି ଭାସିଥିଲେ। ଏ ନେଇ କନିଷ୍ଠ ଯନ୍ତ୍ରୀ ପ୍ରକାଶ ସ୍ୱାଇଁ କୁହନ୍ତି, ପୋଖରୀ ଉପର ଦେଇ ବିଦ୍ୟୁତ୍ ତାର ଟାଣିବାକୁ ଗ୍ରାମବାସୀ ଅମଙ୍ଗ ହେଉଛନ୍ତି। ତେଣୁ ତାର ଟଣାଯାଇପାରିନାହିଁ।

### ବିଦ୍ୟୁତ୍ ଖୁଣ୍ଟରେ ପିଟିହେଲା ବାଇକ୍, ଆରୋହୀ ଗୁରୁତର

**ରାସୋଳ, ୧୬।୧୧(ଡି.ଏନ୍.ଏ.)-** ରାସୋଳ ଥାନା ପୁରୁଣାକଟକ-ସମ୍ବଲପୁର ରାସ୍ତାର ଗଣ୍ଡାନାଳୀ ଛକରେ ଶୁକ୍ରବାର ସନ୍ଧ୍ୟାରେ ଦୁର୍ଘଟଣା ଘଟିଛି। ବାଇକ୍ ଧକ୍କାରେ (ଓଡ଼ି ୧୯ଜି ୮୨୦୩) ରାସ୍ତାପାର୍ଶ୍ୱରେ ଥିବା ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯାଇଛି। ଏଥିରେ ରାଜୁଆପାଟଣା ଗ୍ରାମର ବାଇକ୍ ଆରୋହୀ ଛବି ରାଉତ (୩୫) ଗୁରୁତର ହୋଇଛନ୍ତି। ତାଙ୍କୁ ୧୦୮ ଆମ୍ବୁଲାନ୍ସ ସହାୟତାରେ ହିନ୍ଦୋଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

### ୧୯ରୁ ଦୌଡ଼କୁଦ ପ୍ରତିଯୋଗିତା

**ଭୁବନ, ୧୬।୧୧(ଡି.ଏନ୍.ଏ.)-** ଭୁବନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଜିଲାସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୯ ତାରିଖରୁ ଦୁଇଦିନ ଧରି ପ୍ରତିଯୋଗିତା ହେବ। ପ୍ରଧାନଶିକ୍ଷକ ବଟକୃଷ୍ଣ ଦାସଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟଅତିଥି ଭାବେ ବିଇଓ ଶ୍ରୀହର୍ଷ ନାୟକ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ସୌଦାମିନୀ ଦାସ, ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ପୃଷ୍ଟି, ଲୋକନାଥ ଷଡ଼ଙ୍ଗୀ, ଦୁର୍ଯ୍ୟୋଧନ ସାହୁ, ରମେଶ ପରିଡ଼ା, ଏସ୍‌ଏମ୍‌ସି ସଦସ୍ୟ କୋଦଣ୍ଡଧର ପୃଷ୍ଟି, ସୁନୀତା ସାହୁ, ମିନା ଅଗ୍ରୱାଲ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଜିଲାର ପ୍ରତି ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ଯୋଗଦେଇ ପ୍ରତିଯୋଗିତାର ସୁପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ।

### ଆର୍ଥିକ ସାକ୍ଷରତା କର୍ମଶାଳା



**ଢେଙ୍କାନାଳ ଅଫିସ, ୧୬।୧୧-** ଗଁଦିଆ ବ୍ଲକର ଯୋରନ୍ଦା, ନେଉଳପୋଇ ଏବଂ ମହାପଦା ଗ୍ରାମରେ ସେବି ପକ୍ଷରୁ ଆର୍ଥିକ ସାକ୍ଷରତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରଶ୍ମିତା ରାଉତଙ୍କ ଅଧକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ପ୍ରଦ୍ୟୁମ୍ନ ରଥ ଯୋଗଦେଇ ଏସ୍‌ଏଚ୍‌ଜି ସଦସ୍ୟାଙ୍କୁ ସଞ୍ଚୟ, ନିବେଶ, ଏଟିଏମ୍ କାର୍ଡର ସୁରକ୍ଷିତ ବ୍ୟବହାର, ମ୍ୟୁଚୁଆଲ ଫଣ୍ଡରେ ଅର୍ଥ ବିନିଯୋଗ, ଚକ୍ରବୃଦ୍ଧି ସୁଧହାର, ଚିଟ୍‌ଫଣ୍ଡ ଠକେଇରୁ ବର୍ତ୍ତିବାର ଉପାୟ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ।

■କୁହୁଡ଼ି ଯୋଗୁ ଜାଣିପାରିଲେନି ହାତୀ ଉପସ୍ଥିତି

# ସ୍ତ୍ରୀ ଆଗରେ ସ୍ୱାମୀଙ୍କୁ ଦଳିଦେଲା ଦନ୍ତା

**ପରଜଙ୍ଗ, ୧୬।୧୧(ଡି.ଏନ୍.ଏ.)**

ଡିହଡୋଳ ଫରେଷ୍ଟ ସେକ୍ସନ ଅଧୀନ ପରଜଙ୍ଗ ବ୍ଲକ ଲୋଧଣୀ ପଞ୍ଚାୟତ ପାଳସାହି ଗ୍ରାମର ଚାଷୀ ବାଉରୀ ସାହୁ ଶୁକ୍ରବାର ଭୋରରେ ଦନ୍ତାହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ଜମିକୁ ପାଣି ମଡ଼ାଇବାକୁ ଯାଇଥିବାବେଳେ ସ୍ତ୍ରୀଙ୍କ ଆଖି ଆଗରେ ହାତୀ ଦଳିଦେଇଥିଲା।

ରାମନାଳୀପର୍ଶିସ୍ଥିତ ବାଇଗଣ କିଆରିର ଗୋଟିଏ ପଟେ ବାଉରୀ ଏବଂ ଅନ୍ୟପଟେ ତାଙ୍କ ସ୍ତ୍ରୀ ପାଣି ଦେଉଥିଲେ। କୁହୁଡ଼ି ଯୋଗୁ ଖେତ ପାଖରେ ଥିବା ଦନ୍ତାକୁ କେହି ଦେଖିପାରି ନ ଥିଲେ। ହଠାତ୍ ହାତୀ ଥିବା ଜାଣିପାରି ସ୍ତ୍ରୀ ଡାକ ପକାଇଥିଲେ। କିନ୍ତୁ ବାଉରୀ ସୁରକ୍ଷିତ ସ୍ଥାନକୁ ଯିବା ପୂର୍ବରୁ ହାତୀ ତାଙ୍କୁ ଶୁଣ୍ଢରେ ଧରି କଚାଡ଼ି ଦେଇଥିଲା। ପାଖ ଜମିରେ ଧାନ କାଟୁଥିବା ଭଜନା ସାହୁ, ହରି ବିଶ୍ୱାଳ ପାଟି କରିବାରୁ ଦନ୍ତା ଚାଷୀଙ୍କୁ ଛାଡ଼ି ଦେଇଥିଲା। ହେଲେ ଦୀର୍ଘ ସମୟ ଯାଏ ଜଗିରହିଥିଲା। ସୂଚନା ପାଇ ଗ୍ରାମବାସୀ ପହଞ୍ଚି ବାଉରୀଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରେଞ୍ଜର ସୁରେଶ ଚନ୍ଦ୍ର ବେହେରା ତଦନ୍ତ କରିବା ସହ ମୃତକଙ୍କ ପରିବାରକୁ ୪୦ ହଜାର ଟଙ୍କାର ସହାୟତା ଚେକ୍ ପ୍ରଦାନ କରିଛନ୍ତି। ଅନ୍ୟପଟେ ଗୁରୁବାର ଦନ୍ତା ଉପଦ୍ରବରେ ଡିହକମର ଗ୍ରାମର ୪ ପରିବାର ବାସହରା ହୋଇଛନ୍ତି। କ୍ଷତିଗ୍ରସ୍ତ ପରିବାର ଛାତ ଉପରେ ରାତି କଟାଉଛନ୍ତି। ତୁରନ୍ତ ହାତୀକୁ ଅଞ୍ଚଳରୁ ହଟାଇବାକୁ ଦାବି ହେଉଛି।



ମୃତଦେହ ନିକଟରେ ଭିଡ଼।

### ଆକ୍ରମଣାତ୍ମକ ହେଉଛି, ମାରିବାକୁ ଗୋଡ଼ାଉଛି

ଡିହଡୋଳ ଫରେଷ୍ଟ ସେକ୍ସନରେ ଗୋଠଛଡ଼ା ନରହନ୍ତା ଦନ୍ତା ଅଧିକ ଆକ୍ରମଣାତ୍ମକ ହେଉଛି। ସାମ୍ନାକୁ ଯିଏ ଆସୁଛି ତାକୁ ମାରିବାକୁ ଗୋଡ଼ାଉଛି। ବିଶେଷ କରି ଗ୍ରାମାଞ୍ଚଳରେ ଉପଦ୍ରବ ସୀମା ଟପିଲାଣି। ବନ ବିଭାଗ ହାତୀ ଘଉଡ଼ାଇବା ଦିଗରେ ଆଖିଦୃଶିଆ ପଦକ୍ଷେପ ନେଉନାହିଁ। ଓଲଟି ହାତୀ ଘଉଡ଼ାଇବାକୁ ଯାଇଥିବାବେଳେ ଆକ୍ରମଣର ଶିକାର ହେଉଛନ୍ତି ବନ କର୍ମଚାରୀ। ଗୁରୁବାର ସନ୍ଧ୍ୟାରେ ପାଟ୍ରୋଲିଂ କଲାବେଳେ ପାଳସାହି ଗାଁ ନିକଟରେ ହାତୀ ସହ ମୁହାଁମୁହିଁ ହୋଇଥିଲେ ଡିହଡୋଳ ଫରେଷ୍ଟର ବିଶ୍ୱନାଥ ସୋରେନ, ଗାର୍ଡ ପ୍ରହଲ୍ଲାଦ ପ୍ରଧାନ, ଏଲିଫ୍ୟାଣ୍ଟ ସ୍କ୍ୱାଡ୍‌ର ଜିତେନ୍ଦ୍ର ସାହୁ, ଶେଷଦେବ ସାହୁ,ବନବିହାରୀ ସାହୁ, ପ୍ରକାଶ ଦାସ। ଏ ନେଇ ଫରେଷ୍ଟର କୁହନ୍ତି, ହାତୀ ଉପସ୍ଥିତି ଜଣାପଡ଼ିବା ପରେ କମର-ପରଜଙ୍ଗ ପୂର୍ତ୍ତ ବିଭାଗ ରାସ୍ତାରେ ଆସୁଥିବା ଗାଡ଼ିଗୁଡ଼ିକୁ ଅଟକାଇବାକୁ ପରାମର୍ଶ ଦିଆଯାଉଥିଲା। ଏହାକୁ ଅମାନ୍ୟ କରି ଜଣେ ଟିପ୍ପର ଡ୍ରାଇଭର ହର୍ନ ବଜାଇ ଦେଇଥିଲେ। ଏଥିରେ ହାତୀ ବିବ୍ରତ ହୋଇ କର୍ମଚାରୀଙ୍କୁ ଅଧା କିମି ପର୍ଯ୍ୟନ୍ତ ଗୋଡ଼ାଇଥିଲା। ରାସ୍ତାରେ ଥିବା ଏକ ବାଇକ୍‌କୁ ହାତୀ ଭାଙ୍ଗି ଦେଇଥିଲା। କେତେଜଣ ଅଞ୍ଚଳବାସୀ ବାଣ ଫୁଟାଇ ହାତୀକୁ ବିରକ୍ତ କରୁଛନ୍ତି। ତେଣୁ ହାତୀ ଅଧିକ ଆକ୍ରମଣାତ୍ମକ ହେଉଥିବା ଫରେଷ୍ଟର ସୂଚନା ଦେଇଛନ୍ତି।

■ପଞ୍ଚାୟତ ସମିତି ବୈଠକରେ ଘଣ୍ଟ ବଜାଇ ପ୍ରତିବାଦ

# ସମିତି ସଭ୍ୟ, ସରପଞ୍ଚଙ୍କ କକ୍ଷତ୍ୟାଗ

**କଣିହାଁ, ୧୬।୧୧(ଡି.ଏନ୍.ଏ.)**

କଣିହାଁ ବ୍ଲକ ପବିତ୍ରମୋହନ ସଭାଗୃହ ପରିସରରେ ଶୁକ୍ରବାର ପଞ୍ଚାୟତ ସମିତିର ୪ର୍ଥ ସାଧାରଣ ବୈଠକରେ ଏକ ଅଜବ ପରିସ୍ଥିତି ସୃଷ୍ଟି ହୋଇଥିଲା। ବୈଠକରେ ଘଣ୍ଟବଜାଇ ପ୍ରତିବାଦ ସହ ଦାବି ନେଇ ହୋହାଲ୍ଲା କରାଯାଇଥିବା ବେଳେ ଭାଜପା ସମର୍ଥିତ ସମିତି ସଭ୍ୟ ଓ ସରପଞ୍ଚ କକ୍ଷତ୍ୟାଗ କରି ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ବିଡିଓଙ୍କ ବୁଝାଶୁଝା ପରେ ସେମାନେ ଧାରଣାରୁ ନିବୃତ୍ତ ହୋଇଥିଲେ।

ସୂଚନା ମୁତାବକ, ବୈଠକରେ ବ୍ଲକ ଅଧକ୍ଷା ନମିତା ସାହୁ, ଉପାଧକ୍ଷ ତ୍ରିପୁରାରୀ ପ୍ରଧାନ, କୈଳାସଚନ୍ଦ୍ର ସାହୁ, ପାଲଲହଡ଼ା ବିଧାୟକଙ୍କ ପ୍ରତିନିଧି ସୁନୀଲ ପ୍ରଧାନ, ଜିଲାପରିଷଦ ସଦସ୍ୟା ଅଳକା ସାହୁ, ବସନ୍ତ ମଞ୍ଜରୀ ପ୍ରଧାନ, ତିରୁଳତା ଗଡ଼ନାୟକ, କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସୁମନ୍ତ ପଟେଲ, ସହାୟକ ଯନ୍ତ୍ରୀ ରାମଚନ୍ଦ୍ର ଶତପଥୀ, ଜିପିଓ ଜୟଶ୍ରୀ ନାୟକ, ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଶରତଚନ୍ଦ୍ର ବିଶ୍ୱାଳ ମଞ୍ଚାସୀନ ଥିବାବେଳେ ବହୁ ସମିତି ସଭ୍ୟାସଭ୍ୟ, ସରପଞ୍ଚ ଓ ବିଭାଗୀୟ ପଦାଧିକାରୀ ଯୋଗ ଦେଇଥିଲେ। ଏହି ସମୟରେ କୁଲୁମା ସରପଞ୍ଚ ହଠାତ୍ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ବିଭାଗୀୟ ଅଧିକାରୀ ଯୋଗଦାନ କରୁ ନ ଥିବା ଅଭିଯୋଗକରି ଘଣ୍ଟ ବଜାଇ ପ୍ରତିବାଦ କରିଥିଲେ। ସେହିପରି ସରପଞ୍ଚ ଲୋକନାଥ ସାହୁ, ବିଜୟ କୁମାର ଦେହୁରି, ବାବୁଲୀ ସେଠୀ, ପୁଷ୍ପାଞ୍ଜଳି ପ୍ରଧାନ, ଦୁଶାଃସନ ପ୍ରଧାନ, ସମିତି ସଭ୍ୟ ସୁଶାନ୍ତ ସେଠୀ, ନିରୂପମା ପ୍ରଧାନ, କୃପାସିନ୍ଧୁ ସାହୁ, ମନୋଜ ପ୍ରଧାନ ବିଭିନ୍ନ ପ୍ରଶ୍ନ କରି ସମାଧାନ ବ୍ୟବସ୍ଥା ଉପରେ ମତ ରଖିଥିଲେ। ସମିତି ସଭ୍ୟ ସେଠୀ ପଞ୍ଚାୟତ ସମିତି ଗାଇଡ ଲାଇନ୍‌କୁ ଆଲୋଚନା କରିବାକୁ ଦାବି କରିଥିଲେ ବି ଏହାକୁ ସଭ୍ୟସଭ୍ୟା ନ ମାନିବାରୁ ବୈଠକ ପରିତ୍ୟାଗ କରିଥିଲେ। ପରେ ଅନ୍ୟାନ୍ୟ ଅଭିଯୋଗ କରି ଭାଜପା ସମର୍ଥିତ ସଦସ୍ୟମାନେ ସଭାଗୃହ ପରିତ୍ୟାଗ କରିଥିଲେ।

■କ୍ରାନ୍ତି ରଥକୁ ବିପୁଳ ସ୍ୱାଗତ

# 'ଖୁଚୁରା ବଜାରରେ ବିଦେଶୀ ପୁଞ୍ଜିକୁ ନା'

**ଢେଙ୍କାନାଳ ଅଫିସ, ୧୬।୧୧**

ଖୁଚୁରା ବ୍ୟବସାୟରେ ବିଦେଶୀ ପୁଞ୍ଜି ନିବେଶକୁ ବିରୋଧ କରି ଆସୁଛି ଭାରତୀୟ ବ୍ୟବସାୟୀ ସଂଘ। ଏହି ପରିପ୍ରେକ୍ଷୀରେ ଦେଶବ୍ୟାପୀ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ସେପ୍ଟେମ୍ବର ୧୫ରୁ ପରିକ୍ରମା କରୁଛି କ୍ରାନ୍ତିରଥ। ଦିଲ୍ଲୀରୁ ବାହାରିଥିବା ଉକ୍ତ ରଥ ଶୁକ୍ରବାର ପହଞ୍ଚିଥିଲା ଢେଙ୍କାନାଳରେ। ଏହାକୁ ସ୍ଥାନୀୟ ବ୍ୟବସାୟୀ ସଂଘ ପକ୍ଷରୁ ବିପୁଳ ସ୍ୱାଗତ କରାଯାଇଛି। ନଗର ପରିକ୍ରମା କରିବା ପରେ ଉକ୍ତ ରଥ ନୂଆପୋଖରୀ ନିକଟ ସଂଘ କାର୍ଯ୍ୟାଳୟରେ ପହଞ୍ଚିଥିଲା।

ଆୟୋଜିତ ସଭାରେ ଚାମ୍ବର ଅଫ୍ କର୍ମର୍ସର ସଭାପତି ଶରତ ଚନ୍ଦ୍ର ପାଢ଼ୀ ସ୍ୱାଗତ ଭାଷଣ ଦେବା ସହ ବ୍ୟବସାୟୀମାନଙ୍କୁ ଏକାଠି ହେବାକୁ ଆହ୍ୱାନ କରିଥିଲେ। ଓଡ଼ିଶା ବ୍ୟବସାୟୀ ସଂଘ ସଭାପତି ସୁଧାକର ପଣ୍ଡା କହିଲେ, ବିଦେଶୀ କମ୍ପାନୀର ପ୍ରବେଶ ଫଳରେ ଖୁଚୁରା ବ୍ୟବସାୟୀଙ୍କ ଜୀବନ ଜୀବିକା ପ୍ରତି ବିପଦ ସୃଷ୍ଟି ହୋଇଛି। ଭାରତୀୟ ବ୍ୟବସାୟୀଙ୍କ ଅଧିକାର କ୍ଷୁଣ୍ଣ ହୋଇଛି। ୱାଲମାର୍ଟ ଭଳି ବିଦେଶୀ କମ୍ପାନୀ ପ୍ରବେଶ କଲେ ଦେଶର ୫୦କୋଟିରୁ ଊର୍ଦ୍ଧ୍ୱ ଖୁଚୁରା ବ୍ୟବସାୟୀ ପ୍ରଭାବିତ ହେବେ। ଭାଜପା ବିରୋଧୀ ଦଳରେ ଥିବାବେଳେ ଏହାକୁ ବିରୋଧ କରୁଥିଲା। ହେଲେ ଏବେ ଏହାକୁ ସମର୍ଥନ କରୁଛି। ଏଥି ପ୍ରତି ସରକାର ଧ୍ୟାନ ନ ଦେଲେ ଲକ୍ଷାଧିକ ପରିବାରକୁ କ୍ଷତି ସହିବାକୁ ପଡ଼ିବ ବୋଲି ସେ କହିଥିଲେ।

କ୍ରାନ୍ତିରଥ ସହ ଆସିଥିବା ସୁଗାର ଆସୋସିଏଶନ ଉପସଭାପତି ଅମରେଶ ଜେ. କାଇରା, ରାୟପୁର ଚାମ୍ବର ଅଫ୍ କମର୍ସର ଉପସଭାପତି ବୀରେନ୍ଦ୍ର ସିଂ ୱାଲିଆ, ରାଜ୍ୟ ସଂଘର ବରିଷ୍ଠ ଉପସଭାପତି ବ୍ରିଜମୋହନ ଅଗ୍ରୱାଲ ଉଦ୍‌ବୋଧନ ଦେଇଥିଲେ। କ୍ରାନ୍ତିରଥ ଡିସେମ୍ବର ୧୮ରେ ଦିଲ୍ଲୀରେ ପହଞ୍ଚିବ। ୧୯ରେ ସର୍ବଭାରତୀୟ ସମ୍ମିଳନୀ ଆୟୋଜିତ ହେବ ବୋଲି ସୂଚନା ଦିଆଯାଇଛି। ରାଜକିଶୋର ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ସମ୍ପାଦକ ବିମଳ କୁମାର ପୋଦ୍ଦାର ଧନ୍ୟବାଦ ଦେଇଥିଲେ।




ଢେଙ୍କାନାଳରେ ଚାମ୍ବର ଅଫ୍ କମର୍ସ ପକ୍ଷରୁ କ୍ରାନ୍ତିରଥକୁ ସ୍ୱାଗତ କରାଯାଉଛି।

## ନବନିର୍ମାଣ କୃଷକ ସଙ୍ଗଠନର ଦାବିପତ୍ର

**ରାସୋଳ, ୧୬।୧୧(ଡି.ଏନ୍.ଏ.)**

ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନ୍‌ସନ ଦାବିରେ ଗୁରୁବାର ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ରାସୋଳ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବାବନ୍ଧ, ଗିରିଧରପ୍ରସାଦ, ଜରଡ଼ା, ରାସୋଳ ସମେତ ୧୦ ପଞ୍ଚାୟତରୁ ୫୦୦ ଚାଷୀ ହାଟପଡ଼ିଆରେ ଏକାଠି ହୋଇଥିଲେ। ରବିନାରାୟଣ ସାହୁ ସଭାପତିତ୍ୱରେ ସଭାର ଆୟୋଜନ କରାଯାଇଥିଲା। ସେଠାରୁ ଚାଷୀମାନେ ଶୋଭାଯାତ୍ରାରେ ଆସି ଥାନା ସମ୍ମୁଖରେ ନାରାବାଜି କରିଥିଲେ।

ଧାନର ସହାୟକ ମୂଲ୍ୟ ୫୦୦୦ ଟଙ୍କା, ଚାଷୀଙ୍କୁ ପେନ୍‌ସନ୍, ହିନ୍ଦୋଳ ବ୍ଲକର ସବୁ ଚାଷ ଜମିକୁ ଜଳସେଚନ ସୁବିଧା, ଶୀତଳଭଣ୍ଡାର ଏବଂ ଗୋଦାମ ଘର ପ୍ରତିଷ୍ଠା, ବନ୍ୟଜନ୍ତୁ ନଷ୍ଟ କରୁଥିବା ଫସଲ କ୍ଷତିପୂରଣ ଆଦି ଦାବିରେ ଥାନାଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। କୈଳାସ ଚନ୍ଦ୍ର ପ୍ରଧାନ, ଗୌରଚନ୍ଦ୍ର ନାୟକ, ଲିଙ୍ଗରାଜ ପ୍ରଧାନ, ମୁରଲୀଧର ପ୍ରଧାନ, ରଞ୍ଜନ ସାହୁ, ପରମାନନ୍ଦ ସାହୁ, ଦିଲୀପ ଦେହୁରୀ, ଦୁଃଶାସନ ଦେହୁରୀ, ଅଖାରି ମୁଦୁଲି, ଜଲି ସାହୁ, ପୁଷ୍ପଲତା ବେହେରା, ପ୍ରତିମା ସାହୁ ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ।

# ଦ୍ୱନ୍ଦ୍ୱ ବଢ଼ାଉଛି ଡିଜିଟାଲ ଗଣମାଧ୍ୟମ




ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ଜର୍ନାଲକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

**ଢେଙ୍କାନାଳ ଅଫିସ,୧୬।୧୧**

ଗଣମାଧ୍ୟମରେ ଦ୍ରୁତ ପରିବର୍ତ୍ତନ ହେଉଛି। ଖବରକାଗଜ, ରେଡିଓ, ଟେଲିଭିଜନ ସହ ଯୋଡ଼ି ହୋଇଛି ଡିଜିଟାଲ ମିଡ଼ିଆ। ଇଣ୍ଟରନେଟ୍ ମାଧ୍ୟମରେ ହେଉଛି ଖବର ପ୍ରସାରଣ। ହେଲେ ଅନେକ ସମୟରେ ଏହାର ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଫଳରେ ପେସାଦାର ଏବଂ ନାଗରିକ ସାମ୍ବାଦିକତା ମଧ୍ୟରେ ଦ୍ୱନ୍ଦ୍ୱ ଦେଖାଦେଉଛି, ଯାହା ଏବେ ଚିନ୍ତାର କାରଣ। ଏଭଳି ସ୍ଥିତିରେ ଡିଜିଟାଲ ମିଡିଆର ଆଚରଣବିଧି କାର୍ଯ୍ୟାବଳୀ ବେଶ୍ ଗୁରୁତ୍ୱ ରଖୁଛି ବୋଲି କହିଛନ୍ତି ଭୂମି ପତ୍ରିକାର ସମ୍ପାଦକ ସତ୍ୟବ୍ରତ ପଣ୍ଡା। ଢେଙ୍କାନାଳ ଭାରତୀୟ ଜନସଂଚାର ସଂସ୍ଥାନ (ଆଇଆଇଏମ୍‌ସି)ରେ ଶୁକ୍ରବାର ଜାତୀୟ ପ୍ରେସ୍ ଦିବସ ପାଳନ ଅବସରରେ 'ଡିଜିଟାଲ ଯୁଗରେ ସାମ୍ବାଦିକତା ଆଚରଣବିଧି' ଶୀର୍ଷକ ଆଲୋଚନାଚକ୍ରରେ ବକ୍ତା ଭାବେ ଯୋଗଦେଇ ସେ ଏଭଳି ବକ୍ତବ୍ୟ ରଖିଥିଲେ।

ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ କହିଲେ, ଟେକ୍ନୋଲୋଜିର ଦ୍ରୁତ ପରିବର୍ତ୍ତନ ସହ ଆମ ଆଚରଣ ମଧ୍ୟ ବଦଳିବାରେ ଲାଗିଛି। ବିଶେଷ କରି ମୋବାଇଲ ଫୋନ୍ ଆମ ଜୀବନଶୈଳୀକୁ ଅଧିକ ପ୍ରଭାବିତ କରିଛି। ଏହା ଉପରେ ଅଧିକରୁ ଅଧିକ ଆଲୋଚନା ଏବଂ ଅନୁଶୀଳନ କରିବାର ସମୟ ଆସିଛି ବୋଲି ସେ କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ଦ୍ୱିତୀୟ ଲାବ୍ ଜର୍ନାଲ୍ ରିପୋର୍ଟର ଉନ୍ମୋଚିତ ହୋଇଥିଲା।

■ଜିଲାସ୍ତରୀୟ 'ସର୍‌ଗୀ' ଫୁଲ ମହୋତ୍ସବ

# 'ନିର୍ଭୀକ ହୁଅ, ଶ୍ରେଷ୍ଠତା ପ୍ରଦର୍ଶନ କର'




**କାମାକ୍ଷାନଗର, ୧୬।୧୧(ଡି.ଏନ୍.ଏ.)**

ଛାତ୍ର ଜୀବନରେ ଅନେକ ପ୍ରତିଯୋଗିତାର ସମ୍ମୁଖୀନ ହେବାକୁ ପଡ଼େ। ପ୍ରତିଟି ପ୍ରତିଯୋଗିତାରୁ ଅନେକ ଶିକ୍ଷଣୀୟ କଥା ଶିଖିବାକୁ ମିଳିଥାଏ। ଅନେକ ସମୟରେ ପରାଜୟର ସ୍ୱାଦ ଚାଖିବାକୁ ପଡ଼େ। ହେଲେ ଏଥିରେ ଭାଙ୍ଗିପଡୁଥିବା ପିଲା କେବେ ବି ସଫଳତାର ଶିଡ଼ି ଚଢ଼ିପାରେନାହିଁ। ନିର୍ଭୀକ ହୋଇ ଶ୍ରେଷ୍ଠତା ପ୍ରଦର୍ଶନ କଲେ ଛାତ୍ର ଜୀବନ ସାର୍ଥକ ହୋଇପାରିବ। ଶୁକ୍ରବାର ଏପରି ସାରଗର୍ଭକ ଭାଷଣ ଶୁଣିବାକୁ ମିଳିଥିଲା ଆଲୁଅଝରଣ ସେବାଶ୍ରମ ବିଦ୍ୟାଳୟରେ। ଅବସର ଥିଲା ଜିଲାସ୍ତରୀୟ 'ସର୍‌ଗୀ' ଫୁଲ ମହୋତ୍ସବ।

ଜିଲା ମଙ୍ଗଳ ଅଧିକାରୀ ମାନସରଞ୍ଜନ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କାମାକ୍ଷାନଗର ଉପଜିଲାପାଳ ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ମୁଖ୍ୟବକ୍ତା ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଜିଲା ଶିକ୍ଷା ନିରୀକ୍ଷକ ପ୍ରହଲ୍ଲାଦ ମହାରଣା, ସମ୍ମାନିତ ଅତିଥି ବିଡିଓ ଜ୍ୟୋତିଶଙ୍କର ସାହୁ ପ୍ରମୁଖ ମଞ୍ଚାସୀନ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରାଇଥିଲେ। ଏହି ଅବସରରେ ନୃତ୍ୟ, ସଙ୍ଗୀତ, ପ୍ରବନ୍ଧ, ବକ୍ତୃତା ଆଦି ପ୍ରତିଯୋଗିତା ସହ ବିଜ୍ଞାନମେଳା ଆୟୋଜିତ ହୋଇଥିଲା। ଜିଲାର ସମସ୍ତ ଆଶ୍ରମ ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗନେଇ ପ୍ରତିଭା ପ୍ରଦର୍ଶନ କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲାପାଳ ନିଖିଲ ପୱନ କଲ୍ୟାଣ, ସମ୍ମାନିତ ଅତିଥି ଡିଇଓ ସୁଧାନନ୍ଦ ପରିଡ଼ା, ଏସ୍‌ପି ସନ୍ତୋଷ କୁମାର ନାୟକ, ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ନାରାୟଣ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ। ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ଦେହୁରୀ ପରିଚାଳନାରେ ସହଯୋଗ କରିଥିଲେ।

■ଜାତୀୟ ପ୍ରେସ୍ ଦିବସ ପାଳିତ

# ଗଣତନ୍ତ୍ରର ଶକ୍ତିଶାଳୀ ସ୍ତମ୍ଭ ଗଣମାଧ୍ୟମ

**ଢେଙ୍କାନାଳ ଅଫିସ, ୧୬।୧୧**

ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ସଦର ବ୍ଲକ ସମ୍ମିଳନୀ କକ୍ଷରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର କହିଲେ, ଗଣତନ୍ତ୍ରର ଶକ୍ତିଶାଳୀ ସ୍ତମ୍ଭ ହେଉଛି ଗଣମାଧ୍ୟମ। ଏକ ସମୃଦ୍ଧ ଗଣତନ୍ତ୍ର ପାଇଁ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଡିଜିଟାଲ ବ୍ୟବସ୍ଥାର ପ୍ରବେଶ ଗଣମାଧ୍ୟମ ପେସାକୁ ଅଧିକ ପ୍ରତିଯୋଗିତାମୂଳକ କରିଛି। ପୂର୍ବାପେକ୍ଷା ଖବରଦାତାମାନେ ଖବର ସଂଗ୍ରହ ପାଇଁ ଅଧିକ ତତ୍ପର ହୋଇଉଠିଛନ୍ତି। ଫଳରେ ଅନେକ ଜାଗାରେ ମଧ୍ୟ ସେମାନଙ୍କୁ ଆକ୍ରୋଶର ଶିକାର ହେବାକୁ ପଡୁଛି। ଏଥିପ୍ରତି ସଚେତନ ହେବାକୁ ପଡ଼ିବ ବୋଲି ସେ ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ମୁଖ୍ୟବକ୍ତା ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ ମଞ୍ଚାସୀନ ଥିଲେ। ପ୍ରଶାସନର ଲୋକାଭିମୁଖୀ କାର୍ଯ୍ୟକୁ ଜନସାଧାରଣ ନିକଟରେ ପହଞ୍ଚାଇବା ଏବଂ ଖବରକାଗଜରେ ଭଲ ଫଟୋ ସ୍ଥାନିତ କରିବାକୁ ଉଭୟେ ଗୁରୁତ୍ୱାରୋପ କରିଥିଲେ। ବିଡିଓ ସରୋଜ କୁମାର ଦତ୍ତ, ଜିଲା ସାମ୍ବାଦିକ ସଂଘ ସଭାପତି ପ୍ରସନ୍ନ କୁମାର ପଟ୍ଟନାୟକ, ଖବରଦାତା ବିମଳକୃଷ୍ଣ ଥମ୍ବ, ରତନ ନାୟାର, ମାନସ ରଥ, ଶିଶିର ଶତପଥୀ, ଅଥୟ ସାହୁ, ପ୍ରଦୀପ ସେନାପତି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହେମନ୍ତ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେହିପରି ଜିଲା ପ୍ରେସ୍ କ୍ଲବ ପକ୍ଷରୁ ଗୋପବନ୍ଧୁ ଟାଉନ୍ ହଲ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ 'ସାମାଜିକ ସୁରକ୍ଷା ଓ ଗଣମାଧ୍ୟମ ଶୀର୍ଷକ' ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଚେୟାରମ୍ୟାନ ପ୍ରଦ୍ୟୁମ୍ନ ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏସ୍‌ପି ସନ୍ତୋଷ କୁମାର ନାୟକ କହିଲେ, ଗଣମାଧ୍ୟମ ପ୍ରତିନିଧିମାନେ ସମ୍ମାନର ସହ ବଞ୍ଚିବା ଦରକାର। ସେମାନଙ୍କ ସୁରକ୍ଷା ଲାଗି ସବୁସ୍ତରରୁ ଉଦ୍ୟମ ହେବା ଜରୁରୀ ବୋଲି ଏସ୍‌ପି କହିଥିଲେ। ମୁଖ୍ୟବକ୍ତା ଭାବେ ଆଇନଜୀବୀ ଦୀପ୍ତୀଶ ପ୍ରସାଦ ପଟ୍ଟନାୟକ, ସମ୍ମାନିତ ଅତିଥି ସଭାପତି ଶଶିମୌଳି ରଥ, ଉପଦେଷ୍ଟା ସୁକାନ୍ତ କୁମାର ମିଶ୍ର ପ୍ରମୁଖ ଗଣମାଧ୍ୟମର ସୁରକ୍ଷା ପାଇଁ ଆଇନ ପ୍ରଣୟନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ପାଦକ ସତ୍ୟସ୍ୱରୂପ ଦାସ ବିବରଣୀ ପାଠ କରିଥିଲେ। ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ପୂର୍ବତନ ନଗରପାଳ ଇନ୍ଦ୍ରମଣି ବେହେରା, ଭରତ ଦାସ, କବି ବାହାଦୁର ପାଟଶାହାଣୀ, ବିଶ୍ୱନାଥ ବେହେରା, ନୃସିଂହ ଚରଣ ବେହେରା, ଅଥୟ ସାହୁ, ରାଜଶ୍ରୀ ଶତପଥୀ, ମୁଖପାତ୍ର ଇମ୍‌ତିଆଜ ହୁସେନ, ଶିଶିର ଶତପଥୀ, ଅମ୍ବିକା ପଟ୍ଟନାୟକ, ବିନୋଦ ମହାନ୍ତି, ସନ୍ତୋଷ ଶତପଥୀ, ଶ୍ୟାମସୁନ୍ଦର ସାହୁ, ସୁଶାନ୍ତ ନନ୍ଦ, ମାନସ ତ୍ରିପାଠୀ ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ଥିଲେ। ବିମଳକୃଷ୍ଣ ଥମ୍ବ ସ୍ୱାଗତ ଭାଷଣ ଦେଇଥିବାବେଳେ ଦେବାଶିଷ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆଦିତ୍ୟ ପଣ୍ଡା ଧନ୍ୟବାଦ ଦେଇଥିଲେ।




ଜିଲା ପ୍ରଶାସନ ପକ୍ଷରୁ ସଦର ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ଜାତୀୟ ପ୍ରେସ୍ ଦିବସରେ ଅତିଥି ଓ ଅନ୍ୟମାନେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ଶନିବାର, ନଭେମ୍ବର ୧୭ /୨୦୧୮ Dhenkanal, Saturday, November 17 / 2018



ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ।

# ବୁଦ୍ଧି ଖଟାଇ ଜୀବନ ବଞ୍ଚାଇଲେ ସରପଞ୍ଚ ଦମ୍ପତି

**ପରଜଙ୍ଗ, ୧୬।୧୧(ଡି.ଏନ୍.ଏ.)**

ପରଜଙ୍ଗ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳ ପଲ ପଲ ହାତୀ ଦୌରାତ୍ମ୍ୟ ସୃଷ୍ଟି କରିଚାଲିଛନ୍ତି। ରାସ୍ତାରେ ହାତୀଙ୍କ ଉପସ୍ଥିତିରେ ସାଧାରଣ ଜୀବନଯାତ୍ରା ବ୍ୟାହତ ହେଉଛି। ଶୁକ୍ରବାର ରାତି ୮ଟାରେ ଲୋଧଣୀ ସରପଞ୍ଚ ଅଞ୍ଜଳି ବିଶ୍ୱାଳ ଏବଂ ତାଙ୍କ ସ୍ୱାମୀ ଅନ୍ତର୍ଯାମୀ ବିଶ୍ୱାଳ ଦନ୍ତାହାତୀ ମୁହଁରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି । ଉଭୟେ ପରଜଙ୍ଗରୁ ଘରକୁ ବାଇକ୍‌ରେ ଫେରୁଥିବାବେଳେ ବଡ଼କମର-ପରଜଙ୍ଗ ପୂର୍ତ୍ତ ବିଭାଗ ରାସ୍ତାର ଭାଲୁମୁଣ୍ଡା ଆଶ୍ରମ ନିକଟରେ ହଠାତ୍ ଏକ ଦନ୍ତା ରାସ୍ତା ଉପରକୁ ଚାଲି ଆସିଥିଲା। ଅନ୍ତର୍ଯାମୀ ଉପସ୍ଥିତ ଖଟାଇ ଗାଡ଼ି ଅଟକାଇଦେଇଥିଲେ। ପରେ ଉଭୟେ ସ୍ତ୍ରୀସ୍ୱାମୀ ବାଇକ୍‌ରୁ ଓହ୍ଲାଇ ଦୌଡ଼ି ପଳାଇଥିଲେ। ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ବାରବାଙ୍କ ଜଙ୍ଗଲରୁ ୧୪ଟି ହାତୀ ଖଣ୍ଡୁଆଳମୁଣ୍ଡା ଏବଂ ପରଜଙ୍ଗ ମୁହାଁ ହୋଇଛନ୍ତି। ଏହାକୁ ନେଇ ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ ରହିଛି। ଚାଷୀମାନେ ଟର୍ଚ୍ଚ ଲାଇଟ୍ ଧରି, ବାଣ ଫୁଟାଇ ହାତୀ ମୁହଁରୁ ଫସଲ ସୁରକ୍ଷା କରୁଥିବା ଅଜୟ ସାମଲ, ଉତ୍ସବ ସାମଲ ସୂଚନା ଦେଇଛନ୍ତି ।

## ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବୈଠକ

# ବଢ଼ିଛି ସାପ କାମୁଡ଼ା ମୃତ୍ୟୁ

**ଢେଙ୍କାନାଳ ଅଫିସ, ୧୬।୧୧**

ଢେଙ୍କାନାଳ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ ଶୁକ୍ରବାର ଜିଲା ଗ୍ରାମ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧ୍ୟକ୍ଷତା କରି ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ କହିଲେ, ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଦିଗରେ ପ୍ରଶାସନ ସର୍ବଦା ସତର୍କ। ତଥାପି ସବୁ ସମୟରେ ସତର୍କତା ଜରୁରୀ। ଚଳିତବର୍ଷ ସାପ କାମୁଡ଼ାରେ ୨୯ଜଣ ପ୍ରାଣ ହରାଇଛନ୍ତି, ଯାହା ପୂର୍ବବର୍ଷ ତୁଳନାରେ ଅଧିକ। ସେହିପରି ପାଣିରେ ବୁଡ଼ି ୩୬, ବଜ୍ରପାତରେ ୧୬ ଏବଂ ଅଂଶୁଘାତରେ ୨ଜଣଙ୍କ ଜୀବନ ଯାଇଛି। ଚଳିତବର୍ଷ ଜିଲାରେ ସ୍ୱାଭାବିକ ବୃଷ୍ଟିପାତ ହୋଇଥିବା ସମୀକ୍ଷାରୁ ଜଣାପଡ଼ିଛି। ବୈଠକରେ ଜିଲା ପରିଷଦ ସଭାନେତ୍ରୀ ମିନତି ନାୟକ, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ପିଡି ଡିଆରଡିଏ ନରୋତ୍ତମ ବେହେରା, ଢେଙ୍କାନାଳ ଉପଜିଲାପାଳ ପୀତାମ୍ବର ସାମଲ, ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ଭବେଶ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜରୁରିକାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ପ୍ରକଳ୍ପ ଅଧିକାରୀ ନିମାଇଁ ଚରଣ ଦାସ ପାୱାର ପଏଣ୍ଟ ମାଧ୍ୟମରେ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ସୂଚନା ଦେଇଥିଲେ।

# ସରିଲା ଖେଳକୁଦ ପ୍ରତିଯୋଗିତା

**କାମାକ୍ଷାନଗର, ୧୬।୧୧(ଡି.ଏନ୍.ଏ.)**

କାମାକ୍ଷାନଗର ବ୍ଲକ ଆଲୁଅଝରଣ ଉଚ୍ଚ ବିଦ୍ୟାଳୟ ପରିସରରେ ଦୁଇଦିନ ଧରି ଚାଲିଥିବା ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏବିଇଓ କୃଷ୍ଣଚନ୍ଦ୍ର ଭୋଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଭଲିବଲ, କ୍ରିକେଟ, ଦୌଡ଼, ଲମ୍ଫଡ଼ିଆଁ, ଉଚ୍ଚଡିଆଁ, ଜାଭେଲିନ ଥ୍ରୋ ଆଦି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀମାନେ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ପ୍ରଧାନଶିକ୍ଷକ ଗୋକୁଳି ଚରଣ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କ୍ରୀଡ଼ା ଶିକ୍ଷକ ପ୍ରତାପ ଚନ୍ଦ୍ର ସାମନ୍ତ, ପ୍ରେମାନନ୍ଦ ମହାନ୍ତି, ବାନାର୍ଜୀ ମହାନ୍ତି, ଦେବଦତ୍ତ ସାହୁ, ଶିଶିର ସାହୁ ପ୍ରମୁଖ କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ।




# ଗଢ଼ିଲା ପୋଷ୍ୟସନ୍ତାନ ଗ୍ରହଣ ସଚେତନତା ରଥ

**ଢେଙ୍କାନାଳ ଅଫିସ, ୧୬।୧୧**

ଢେଙ୍କାନାଳ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ପରିସରରୁ ଶୁକ୍ରବାର ଗଡ଼ିଛି ପୋଷ୍ୟସନ୍ତାନ ଗ୍ରହଣ ସଚେତନତା ରଥ। ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଜିଲା ଶିଶୁ ସୁରକ୍ଷା ଶାଖା ପକ୍ଷରୁ ଆୟୋଜିତ ଉକ୍ତ ସଚେତନତା କାର୍ଯ୍ୟକ୍ରମ ୨୦ ତାରିଖ ଯାଏ ଚାଲିବ। ଏହି ଅବସରରେ ସାରା ଜିଲା ପରିକ୍ରମା କରି ଉକ୍ତ ରଥ ସଚେତନତା ବାଣ୍ଟିବ।

ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଢେଙ୍କାନାଳ ଉପଜିଲାପାଳ ପୀତାମ୍ବର ସାମଲ, କାମାକ୍ଷାନଗର ଉପଜିଲାପାଳ ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ହିନ୍ଦୋଳ ଉପଜିଲାପାଳ ଭବେଶ କୁମାର ନାୟକ, ଶିଶୁ ସୁରକ୍ଷା କମିଟି ଅଧ୍ୟକ୍ଷ ପ୍ରତାପ ଆଚାର୍ଯ୍ୟଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭାଗୀୟ ଅଧିକାରୀ କ୍ଷୀରୋଦ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।










Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ